## ପାଣିରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ଲଙ୍ଗଳେଶ୍ୱର(କମଳାକାନ୍ତ ଦାସ)/ରୂପସା,(ବାଞ୍ଛାନିଧି ଦେ)- ସିଂଲା ଥାନା ଅଧୀନ ରାଇପୁର ଗ୍ରାମର ଜଣେ ବୃଦ୍ଧ ନଦୀକୁ ଶୌଚ ପାଇଁ ଯାଇଥିବା ବେଳେ ପାଣିରେ ବୁଡ଼ି ପ୍ରାଣ ହରାଇଛନ୍ତି। ମୃତକ ହେଲେ ଭୂଷଣ ଜେନା (୬୫)। ଭୋର ସମୟରେ ଘରଠାରୁ କିଛି ଦୂରରେ ଥିବା ଛେଳିଆ ନଦୀକୁ ଯାଇଥିବା ବେଳେ ହଠାତ ଗୋଡ଼ ଖସିଯିବାରୁ ସେପାଣିରେ ବୁଡ଼ି ଯାଇଥିଲେ। ପରେ ତାଙ୍କ ମୃତଦେହ ନଦୀରେ ଭାସୁଥିବା ଦେଖି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ସିଂଲା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୫/୨୩) ରୁଜୁ ହୋଇଛି।

### ସଂକ୍ଷେପରେ

## ଐକ୍ୟ କ୍ଷେତ୍ରରେ ପୁଣି ଫୁଟିଲା ସହସ୍ରଦଳ କମଳ



ବଡବିଲ,୧୭।୮ (ଦେବପ୍ରିୟ ରଣା): କେନ୍ଦୁଝର ଜିଲା ବଡ଼ବିଲସ୍ଥିତ ଐକ୍ୟ କ୍ଷେତ୍ର ଫୁଲ ବଗିଚାରେ ପୁଣି ଫୁଟିଛି ବିରଳ ସହସ୍ର ଦଳ କମଳ। ଗତ ମାର୍ଚ୍ଚ ମାସ ଶେଷ ସପ୍ତାହରେ ଏକ ଗୋଲାପୀ ରଙ୍ଗର ସହସ୍ରଦଳ କମଳ ଫୁଟିଥିବାବେଳେ ସାଢେ ୪ ମାସ ବ୍ୟବଧାନରେ ଗୁରୁବାର ଏକ ଧଳା ରଙ୍ଗର ସହସ୍ରଦଳ କମଳ ତଥା ଏକ ହଜାର ପାଖୁଡ଼ା ବିଶିଷ୍ଟ ପଦ୍ମ ଫୁଟିଛି। ପ୍ରକୃତି ପ୍ରେମୀ ବିଜୟ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ବିରଳ ପଦ୍ମ ଫୁଟିଥିବା ଜଣାପଡ଼ିଛି। ବିଦେଶରୁ ଆମଦାନୀ ହୋଇଥିବା ଏହି ବିରଳ ହଜାରେ ପାଖୁଡ଼ା ବିଶିଷ୍ଟ ପଦ୍ମ କନ୍ଦାକୁ ଗତ ଏକ ବର୍ଷ ତଳେ ପ୍ରକୃତି ପ୍ରେମୀ କଲିକତାରୁ ଆଣି ଐକ୍ୟ କ୍ଷେତ୍ରରେ ରୋପଣ କରିଥିଲେ। ପାଣି ଡ୍ରମ୍‌ରେ ମାଟି ଓ ପାଣି ମିଶାଇ ପଙ୍କ ସୃଷ୍ଟି କରି ଅନେକ ପଦ୍ମ କନ୍ଦା ରୋପଣ କରାଯାଇଥିଲା। ସାଧାରଣ ପଦ୍ମ ଅନେକ ଫୁଟୁଛି ହେଲେ ଏହି ହଜାରେ ପାଖୁଡ଼ା ବିଶିଷ୍ଟ ପଦ୍ମ ଭିନ୍ନ ବୋଲି କହିଛନ୍ତ ବିଜୟ।

## ଗ୍ରାମ୍ୟ ଉନ୍ନୟନ ନେଇ ତାଲିମ ଶିବିର

ମୋରଡା,୧୭।୮(ସ୍ୱାରକ ମାଜୀ): ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍‌ର ସଦରମହକୁମା ଚିତ୍ରଡ଼ାସ୍ଥିତ ବ୍ଲକ୍ କାର୍ଯ୍ୟାଳୟ ପରିସର ସଭାଗୃହରେ କ୍ଷେତ୍ରସ୍ତରୀୟ ଏକ ଦିବସୀୟ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଜିଲା ପରିଷଦ ଆୟୋଜନ କ୍ରମେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ଆନୁକୂଲ୍ୟରେ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟର ସ୍ଥାନୀୟକରଣ, ଦାରିଦ୍ର୍ୟ ମୁକ୍ତ ଓ ଗ୍ରାମ ପଞ୍ଚାୟତର ନିଜସ୍ୱ ସମ୍ବଳ ବୃଦ୍ଧି ବିଷୟ ଭିତ୍ତିକ ତାଲିମ ଶିବିରକୁ ମୋରଡା ବିଡ଼ିଓ ଜୟକୃଷ୍ଣ ପାତ୍ର, ବ୍ଲକ୍ ଉପାଧକ୍ଷା ଜେମାମଣି ମହାନ୍ତ ଏବଂ ସରପଞ୍ଚମାନେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଜିପିଇଓ ରୂପେଶ ମାଝୀଙ୍କ ପରିଚାଳନାରେ ପଞ୍ଚାୟତର ସରପଞ୍ଚ, ପିଇଓ, ବିପିସି, ଏପିଓ, ୱାର୍ଡ଼ ସଭ୍ୟାସଭ୍ୟ, ଓଡ଼ିଶା ଜୀବିକା ମିଶନ ଅଧୀନରେ କାର୍ଯ୍ୟରତ ସମସ୍ତ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ସ୍ୱତନ୍ତ୍ର ଭାବେ ତାଲିମ ପ୍ରାପ୍ତ ୩ ଟ୍ରେନ୍‌ର ଶିବିରରେ ତାଲିମ ପ୍ରଦାନ କରୁଥିବା ଜଣାପଡ଼ିଛି।

## ବିଭିନ୍ନ ସ୍ଥାନରେ ଉଡ଼ିଲା ତ୍ରିରଙ୍ଗା



ପାଟଣା,୧୭।୮(ବୀରକିଶୋର ଦାଶ.): କେନ୍ଦୁଝର ଜିଲା ପାଟଣା ବ୍ଲକ୍‌ର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ମଙ୍ଗଳବାର ୭୭ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ପାଟଣା ବ୍ଲକ୍ କାର୍ଯ୍ୟାଳୟରେ ବ୍ଲକ୍ ଅଧକ୍ଷା ଶୁକାନ୍ତି ନାଏକ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଝାଟିପଡ଼ା ପ୍ରାଥମିକ ବିଦ୍ୟାଳୟରେ ପାଟଣା ବିଧାୟକ ଜଗନ୍ନାଥ ନାଏକ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ତହସିଲରେ ଅତିରିକ୍ତ ତହସିଲଦାର ଶରଣ ଜେନା, ରେଞ୍ଜ କାର୍ଯ୍ୟାଳୟରେ ଡେପୁଟି ରେଞ୍ଜର ଅମୂଲ୍ୟ ସେନାପତି, ଥାନାରେ ଥାନା ଅଧିକାରୀ ଦୀପ୍ତିରଞ୍ଜନ ସାହୁ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଲକ୍ଷ୍ମଣ ମହାନ୍ତ, ଝୁମ୍ପୁରା ଥାନାରେ ଥାନାଧିକାରୀ ଇନ୍ଦ୍ରଜିତ୍ ବେହେରା, ପାଟଣା ଆଞ୍ଚଳିକ ମହାବିଦ୍ୟାଳୟରେ ଅଧକ୍ଷ ବିରେନ୍ଦ୍ର ସାହୁ, ଅଗ୍ନିଶମ କାର୍ଯ୍ୟାଳୟରେ ଷ୍ଟେଶନ ପରିଚାଳକ ମନୋରଞ୍ଜନ ମହାନ୍ତ, ବିଦ୍ୟୁତ୍ ସେକ୍ସନ କାର୍ଯ୍ୟାଳୟରେ ଯନ୍ତ୍ରୀ ଜ୍ୟୋତି ରଞ୍ଜନ ମିଶ୍ର, ମୁକ୍ତିତୀର୍ଥ କ୍ଲବ୍ ସ୍ୱାମରେ ସଭାପତି ଭାଗୀରଥି ଦାଶ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସଭାପତି ଅରବିନ୍ଦ ଦାଶ, ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲରେ ସ୍ୱାଧିକାରୀ ଅଜୟ ଦାଶ, ପୁରାତନ ଜିଏନ ହାଇସ୍କୁଲରେ ପ୍ରଧାନଶିକ୍ଷକ ପ୍ରତାପ ଚନ୍ଦ୍ର ମହାନ୍ତ, କୁଣ୍ଡଳା ପଞ୍ଚାୟତ କାର୍ଯ୍ୟାଳୟରେ ଶତ୍ରୁଘନ ନାଏକ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

# ସୁରକ୍ଷା ବଳୟରେ ଖଣି ଖନନ

- ବିପଦରେ ବନ୍ୟପ୍ରାଣୀ, ଲୋକେ
- ନିୟମ ଉଲ୍ଲଂଘନ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଶୂନ



କେନ୍ଦୁଝର,୧୭।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ତହସିଲ ପଳାଶପଙ୍ଗା ରାଜସ୍ୱ ସର୍କଲ ଅନ୍ତର୍ଗତ ମୁରୁସୁଆଁ ପଥର ଖଣି ପରିବେଶ ଓ ଖଣି ପ୍ଲାନ୍ ନୀତିନିୟମ ଉଲ୍ଲଂଘନ କରି ଖନନ କରୁଥିବା ଅଭିଯୋଗ ହେଉଛି। ମାଇନିଂ ପ୍ଲାନ୍ ଉଲ୍ଲଂଘନ କରାଯାଇ ଅସୁରକ୍ଷିତ ପ୍ରଣାଳୀରେ ଖନନ ହେଉଥିବାରୁ ପରିବେଶ ବହୁ ମାତ୍ରାରେ କ୍ଷତିଗ୍ରସ୍ତ ହେଉଛି। ଏଥିସହ ଏହା ବନ୍ୟପ୍ରାଣୀ, ଗୃହପାଳିତ ପଶୁ ଏବଂ ଲୋକଙ୍କ ପାଇଁ ବିପଦ ସୃଷ୍ଟି କରିଛି। ସେହିପରି ପଥର ଖଣିରେ ବର୍ଷାପାଣି ଜମାହୋଇ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି।

ନିୟମାନୁଯାୟୀ, ଖଣି ଚାରିପାଖରେ ୭.୫ ମିଟର ସେଫ୍‌ଟି ଜୋନ୍ ବା ସୁରକ୍ଷା ବଳୟ ରହିବା କଥା। କିନ୍ତୁ ଏଠାରେ ତାହାକୁ ନଷ୍ଟକରି ବେଧଡ଼କ ଖନନ କରାଯାଇଛି। ଏପରିକି ବ୍ରାଣ୍ଡ୍ ଷ୍ଟିଲ୍ କାରଖାନା ପାଚେରିକୁ ସଂଲଗ୍ନ ଏହି ପଥର କ୍ୱାରି ବିପଦପୂର୍ଣ୍ଣ ଭାବେ ଗଭୀର ଭାବେ ପଥର ଖୋଳାଯାଇଥିବାରୁ କାରଖାନା ପାଇଁ ବିପଦ ସୃଷ୍ଟି କରୁଛି। ଏହାର ପରିସୀମାକୁ ଚିହ୍ନଟକରି ପିଲାର ପୋତିବା ସହ ଚାରିପାଖରେ ବନୀକରଣ କରିବା ନିୟମ ରହିଥିଲେ ହେଁ ପିଲାର ପୋତାଯାଇ ନାହିଁ କିମ୍ବା ବନୀକରଣ କରାଯାଇନାହିଁ। ଫଳରେ ପଥର ଖଣି ସୀମା ଅସୁରକ୍ଷିତ ହୋଇ ରହିବା ସହ ଭୁଶୁଡ଼ିବା ଆଶଙ୍କା ରହିଛି। ଖଣିକୁ ନିୟମିତ ରାଜସ୍ୱ କିମ୍ବା ଖଣି ବିଭାଗ ଯାଞ୍ଚକରୁ ନ ଥିବାରୁ ଏଭଳି ଅବସ୍ଥା ଉପୁଜିଛି ବୋଲି ସ୍ଥାନୀୟ ମତପ୍ରକାଶ ପାଉଛି। ବଡ଼ ମେଶିନରେ ଖଣି ଖନନ ହେଉଛି। ଖଣିର ବର୍ଜ୍ୟ ବା ଓଭର ବର୍ଡନ ରଖିବା ପାଇଁ ସ୍ଥାନ ନିର୍ଦ୍ଧାରିତ ହୋଇ ନ ଥିବାରୁ ପରିବେଶ ପ୍ରଦୂଷଣ ହେବା ସହ ଖଣି ପରିସର ଅସୁରକ୍ଷିତ ହୋଇପଡ଼ିଛି। ନିୟମ ଅନୁସାରେ ଖନନ ପରେ ପଥର ଖଣ୍ଡକୁ ନିର୍ଦ୍ଦିଷ୍ଟ ଜାଗାରେ ଷ୍ଟକ୍ କରି ତାହାର ମାପଚୁପ ପରେ ପରିବହନ କରାଯିବ। ମାତ୍ର ପୂର୍ବରୁ ଏହି ଖଣିରେ ରାଜସ୍ୱ ବିଭାଗର କୌଣସି କର୍ମଚାରୀ ଯାଉ ନ ଥିବାରୁ ଅଦ୍ୟାବଧି କେତେ ଖନନ ହୋଇଛି ଓ କେତେ ପରିବହନ ହୋଇଛି ତାହାର ହିସାବ ରହୁନାହିଁ। ମାଇନିଂ ପ୍ଲାନ୍ ଉଲ୍ଲଂଘନ କରି ବ୍ୟାପକ ପରିମାଣର ଲଘୁ ଖଣିଜ ସମ୍ପଦ ଉତ୍ତୋଳନ ହୋଇଥିବାରୁ ଖଣି ବିଭାଗ ଏହାର ଯାଞ୍ଚ କରି ପଦକ୍ଷେପ ନେବାକୁ ଦାବି ହୋଇଛି। ଏ ନେଇ କେନ୍ଦୁଝର ସର୍କଲ ଖଣି ଉପନିର୍ଦ୍ଦେଶକ ବିଷ୍ଣୁପଦ ରାଉତ କହିଛନ୍ତି, ପଥର ଖଣି ପୂର୍ବରୁ ରାଜସ୍ୱ ବିଭାଗ ପାଖରେ ଥିଲା। ଏବେ ଏହା ଖଣି ବିଭାଗକୁ ହସ୍ତାନ୍ତର ହୋଇଛି। ଯେଉଁସବୁ ଅଭିଯୋଗ ହେଉଛି ଏହାର ଯାଞ୍ଚ ପରେ ପଦକ୍ଷେପ ନିଆଯିବ। ଖଣିର ପରିଚାଳକ ପ୍ରହ୍ଲାଦ ତ୍ରିପାଠୀ କହିଛନ୍ତି, ଖଣିରେ ପାଣି ଭର୍ତ୍ତି ହୋଇଥିବାରୁ କାମ ବନ୍ଦ ରହିଛି। ସରକାରୀ ନୀତିନିୟମ ଅନୁଯାୟୀ କାମ କରାଯାଉଛି।

## ଏସ୍‌କେପ୍ ମରାମତି କାର୍ଯ୍ୟ ତଦାରଖ କଲେ ବିଧାୟକ



ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଗୌରାଙ୍ଗପୁର ଏସ୍‌କେପ୍ କାର୍ଯ୍ୟ ଦେଖୁଛନ୍ତି।

ଧାମନଗର,୧୭।୮(ଦେବେନ୍ଦ୍ର ଆନ୍ଦିଆ/ସନ୍ତୋଷ କୁମାର ମହାପାତ୍ର)

ବୈତରଣୀ ନଦୀରେ ପ୍ରଥମ ବନ୍ୟା ଆସି କ୍ଷତିଗ୍ରସ୍ତ ହୋଇଥିବା ଗୌରାଙ୍ଗପୁର ଏସ୍‌କେପ ମରାମତି କାର୍ଯ୍ୟ ଚାଲିଛି। ଏସ୍‌କେପର ପ୍ରୋଟେକ୍‌ସନ ୱାଲଠାରୁ ଉପରକୁ ନଦୀ ପାର୍ଶ୍ୱକୁ ଏବେ ପାଖାପାଖି ୬୦୦ ମିଟର ଲମ୍ବର ଗୋଟିଏ ଅସ୍ଥାୟୀ ଆଡ଼ିବନ୍ଧ କରାଯାଉଛି। ବନ୍ୟା ମୁକାବିଲା ପାଇଁ ଜରୁରିକାଳୀନ ପାଣ୍ଠିରୁ ପ୍ରାୟ ୫୦ ଲକ୍ଷ ବ୍ୟୟ ଅଟକଳରେ ମରାମତି କାମ ଚାଲିଛି। ଏସ୍‌କେପକୁ ସୁରକ୍ଷା ଦେବା ପାଇଁ ସେଠାରେ ପଥରପ୍ୟାକିଂ ଓ ବଲ୍ଲା ପକାଇ ବାଲିବସ୍ତା ଦେଇ ବନ୍ଧ କାର୍ଯ୍ୟ ଆରମ୍ଭ ହୋଇଛି। ଗୁରୁବାର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ସେଠାରେ ପହଞ୍ଚି କାର୍ଯ୍ୟ ତଦାରଖ କରିବା ସହ ମାନ ପରଖିଛନ୍ତି।

ନଦୀ କୂଳରୁ ଏସ୍‌କେପ ମଧ ଦେଇ ସୃଷ୍ଟି ହେବାକୁ ଥିବା ଏକ ନୂତନ ଜଳଧାରା ଗତିପଥକୁ ଏହି କାର୍ଯ୍ୟ ବନ୍ଦ କରିପାରିବ ବୋଲି ବିଧାୟକ କହିଛନ୍ତି। ଆଗକୁ ହେବାକୁ ଥିବା ଲଘୁଚାପ ଓ ତାହାର ପରିଣାମକୁ ଦୃଷ୍ଟିରେ ରଖି କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ତେବେ ଏସ୍‌କେପକୁ ପୋତା ନ ଗଲେ ଏହାର ସ୍ଥାୟୀ ସମାଧାନ ହୋଇପାରିବ ନାହିଁ ବୋଲି ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ଚାଷୀ ଓ ଜନସାଧାରଣ ବିଧାୟକଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। ବିଧାୟକଙ୍କ ଗସ୍ତ ବେଳେ ମୁକୁନ୍ଦଦେବ ମଣ୍ଡଳ ସଭାପତି ଅରବିନ୍ଦ ପତି, ପୂର୍ବତନ ଜିଲା ପରିଷଦ ସଭ୍ୟ ମନୋରଞ୍ଜନ ମଲ୍ଲିକ, ପୂର୍ବତନ ସରପଞ୍ଚ ପ୍ରମୋଦ ସୂତାର, ବୁଦ୍ଧଦେବ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ମିଶନ ଶକ୍ତି ଉପଦେଷ୍ଟାଙ୍କ ଚାନ୍ଦବାଲି ଗସ୍ତ

ଚାନ୍ଦବାଲି,୧୭।୮(କିଶାନ ପାତ୍ର)

ମିଶନ ଶକ୍ତିର ଉପଦେଷ୍ଟା ଡ. ଗୀତାଞ୍ଜଳି ବସ୍ତିଆ ମହିଳାମାନଙ୍କ ସହ ସିଧାସଳଖ କଥା ହେବା ପାଇଁ ଗୁରୁବାର ଚାନ୍ଦବାଲି ଗସ୍ତରେ ଆସିଥିଲେ। ବାସୁଦେବପୁର, ତିହିଡ଼ି ଓ ଚାନ୍ଦବାଲି ବ୍ଲକର ମିଶନ ଶକ୍ତି ମହିଳାମାନଙ୍କୁ ନେଇ ବିଜୁ ସ୍ମୃତି ଭବନରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ମହିଳାମାନେ କିଭଳି ଅଧିକ ରୋଜଗାରକ୍ଷମ ଓ ଶକ୍ତିଶାଳୀ ହୋଇପାରିବେ, ସେ ସମ୍ପର୍କରେ ଉପଦେଷ୍ଟା ଆଲୋଚନା କରିଥିଲେ। ମହିଳାମାନେ ସେମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବା ପାଇଁ ଉପଦେଷ୍ଟାଙ୍କୁ ଅନୁରୋଧ କରିଥିଲେ। ସବୁ ସମସ୍ୟାର ତୁରନ୍ତ ସମାଧାନ ହେବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ରାଜ୍ୟ ଉପସଭାପତି ସନ୍ଧ୍ୟାରାଣୀ ବିଶ୍ୱାଳ, ସିଡିପିଓ ସବିତା ସେଠୀ, ଚାନ୍ଦବାଲି ବିଡିଓ ଜ୍ୟୋତିବିକାଶ ଦାସ, ବିପିଏମ୍ ସଞ୍ଜୟ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

### କୋର୍ଟ ରାୟ

### ନାବାଳିକା ଅପହରଣ, ବଳାତ୍କାର ମାମଲା

## ଦୋଷୀଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ

ବାଲେଶ୍ୱର ଅଫିସ, ୧୭।୮(ମାନସ ବିଶ୍ୱାଳ)

ନାବାଳିକା ଅପହରଣ ଓ ବଳାତ୍କାର ମାମଲାର ବିଚାର କରି ବାଲେଶ୍ୱର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ୍ ରଞ୍ଜନ କୁମାର ସୂତାର ଦୋଷୀ ଅରୁଣ କୁମାର ବାରିକଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୨ ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି।

୨୦୨୨ ଜୁନ୍‌ରେ ସିଂଲା ଥାନା ଅଞ୍ଚଳରେ ଏହି ଘଟଣା ଘଟିଥିଲା। ଏନେଇ ସିଂଲା ଥାନାରେ ମାମଲା( ନଂ. ୧୩୫ /୨୨) ରୁଜୁ ହୋଇଥିଲା। ୧୫ ଜଣ ସାକ୍ଷୀ ଓ ୧୪ଟି ଦଲିଲ ଓ ଦସ୍ତାବିଜକୁ ଭିତ୍ତି କରି ଦଣ୍ଡ ଶୁଣାଇଛନ୍ତି କୋର୍ଟ। ଏହି ମାମଲାରେ ପୀଡ଼ିତାଙ୍କୁ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ୪ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ମାମଲାରେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ପରିଚାଳନା କରିଥିଲେ।

## ୩ ମାସ ଜେଲ, ୩୦ ହଜାର ଜରିମାନା

### ଚେକ୍ ବାଉନ୍ସ ମାମଲା

ଭଦ୍ରକ,୧୭।୮(ସନାତନ ରାଉତ)

ଏକ ଚେକ୍ ବାଉନ୍ସ ମାମଲାର ବିଚାର କରି ଭଦ୍ରକ ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଚିନ୍ମୟ କୁମାର ପାଢ଼ୀ ଦୋଷୀଙ୍କୁ ୩ମାସ ଜେଲ ଦଣ୍ଡ ଓ ୩୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ପୁନଶ୍ଚ ଏକ ମାସ ଜେଲ ଦଣ୍ଡ ଭୋଗିବା ପାଇଁ କୋର୍ଟ ଶୁଣାଣି କରିଛନ୍ତି।

୨୦୨୧ ନଭେମ୍ବର ୩୦ରେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ମୌଦା ଗ୍ରାମର ଅବସରପ୍ରାପ୍ତ ସେନା କର୍ମଚାରୀ ବିଶ୍ୱପ୍ରକାଶ ନାୟକଙ୍କଠାରୁ ଟାଉନ ଥାନା ଅଧୀନ କୁଆଁସ ଗ୍ରାମର କାହ୍ନୁଚରଣ ବେହେରା ୬ ମାସ ପାଇଁ ୨ଲକ୍ଷ ୫୦ ହଜାର ଟଙ୍କା ଧାର ନେଇଥିଲେ। ୬ ମାସ ପରେ କାହ୍ନୁ ଭଦ୍ରକ ନୂଆବଜାର ଷ୍ଟେଟବ୍ୟାଙ୍କର ଏକ ଚେକ୍ ଦେଇ ୨ ମାସ ପରେ ଉଠାଇନେବା ପାଇଁ କହିଥିଲେ। ବିଶ୍ୱପ୍ରକାଶ ସେହି ବର୍ଷ ଜୁନ୍ ୨୮ରେ ଚେକ୍ ବ୍ୟାଙ୍କରେ ଡିପୋଜିଟ କରିବା ପରେ କାହ୍ନୁ ବ୍ୟାଙ୍କ ଖାତାରେ ସେହି ପରିମାଣର ଟଙ୍କା ନ ଥିବାରୁ ଚେକ୍ ବାଉନ୍ସ ହୋଇଯାଇଥିଲା। ପରେ ବିଶ୍ୱପ୍ରକାଶ ଯେତେ ଅନୁରୋଧ କରିଥିଲେ ମଧ କାହ୍ନୁ ଟଙ୍କା ଫେରାଇ ନ ଥିଲେ। ଶେଷରେ ବିଶ୍ୱ ପ୍ରକାଶ ଭଦ୍ରକ ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତରେ ୧-ସି.ସି. ମାମଲା(ନଂ-୨୪୩ /୨୧) ଆଗତ କରିଥିଲେ। ବିଶ୍ୱପ୍ରକାଶଙ୍କ ପାଇଁ ଭଦ୍ରକର ବରିଷ୍ଠ ଆଇନଜୀବୀ ଗଦାଧର ବଳ ଓ ତାଙ୍କ ସହଯୋଗୀ ସଞ୍ଜୟ ମାଝୀ, ଏସ୍.କେ. ଗୌରବ, ଜୟନ୍ତ କୁମାର ଭୋଇ ମାମଲା ପରିଚାଳନା କରୁଥିଲେ।

## ଟାଟା ଷ୍ଟିଲ୍ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ



ଯୋଡ଼ା,୧୭।୮(ମାନସ ମହାନ୍ତି)

ଟାଟା ଷ୍ଟିଲ ପକ୍ଷରୁ ଯୋଡ଼ାଠାରେ ୭୭ତମ ସ୍ୱାଧୀନତା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଡ଼ା ଟାଟା ଷ୍ଟିଲ ମୁଖ୍ୟ ରାଜେଶ କୁମାର ଯୋଗଦେଇ ଜେଓିଓ କାର୍ଯ୍ୟାଳୟରେ ପତାକା ଉତ୍ତୋଳନ କରିଥିଲେ। ନିଜ ସମ୍ଭାଷଣରେ ଆଧୁନିକ ଭାରତ ନିର୍ମାଣ ସମ୍ପର୍କରେ ଆଲୋକପାତ କରି ନିଜ ନିଜର ସହଭାଗିତାକୁ ବଜାୟ ରଖିବାକୁ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀ କର୍ମଚାରୀଙ୍କ ସହ ୟୁନିୟନର କର୍ମକର୍ତ୍ତା ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ। ଉତ୍ସବରେ ୪୦ଜଣଙ୍କୁ ଉତ୍କୃଷ୍ଟ ସେବା ପାଇଁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଟାଟା ଷ୍ଟିଲ ହସ୍ପିଟାଲରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଉତ୍ସବକୁ ଆହୁରି ରୋମାଞ୍ଚକର କରିବା ପାଇଁ କେନ୍ଦ୍ରୀୟ ଖେଳପଡ଼ିଆଠାରେ ୧୦ଟି ସ୍ଥାନୀୟ ଦଳକୁ ନେଇ ଏକ ଫୁଟବଲ ଖେଳ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ ଭ୍ୟାଲି କ୍ଲବ୍‌ଠାରେ ଛୋଟ ଛୋଟ ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ପରେଡ୍ ଦେଖିବାକୁ ଆସି ଛାତ୍ର ନିଖୋଜ

### ଦୁଃଖରେ ଭାଙ୍ଗି ପଡ଼ିଛନ୍ତି ମା’ ବାପା



ଦୀପକ।

ନୀଳଗିରି, ୧୭।୮(ପ୍ରଶାନ୍ତ କୁମାର ବିଶ୍ୱାଳ)

ସ୍ୱାଧୀନତା ଦିବସ ଅବସରରେ ନୀଳଗିରି ଥାନା ପଡ଼ିଆକୁ ପରେଡ୍ ଦେଖିବାକୁ ଆସିଥିବା ଜଣେ ଛାତ୍ର ନିଖୋଜ ହୋଇଯାଇଛନ୍ତି। ପୁଅକୁ ନ ପାଇ ମା’ ବାପା ଓ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ଏନେଇ ନିଳଗିରି ଥାନାରେ ତାଙ୍କ ନିଖୋଜ ସମ୍ପର୍କିତ ଅଭିଯୋଗ କରିଛନ୍ତି। ନିଖୋଜ ଛାତ୍ର ଜଣକ ହେଲେ ନୀଳଗିରି ଏନ୍ଏସି ଅଧୀନ ବାଣପୁର ଗ୍ରାମର କୃପାସିନ୍ଧୁ ବେହେରାଙ୍କ ପୁଅ ଦୀପକ (୧୯)। ସେ ନୀଳଗିରି କଲେଜର +୩ ଦିତୀୟ ବର୍ଷର ଛାତ୍ର।

ସୂଚନା ଅନୁଯାୟୀ, ୧୫ ତାରିଖ ସକାଳ ୭ଟାରୁ ସେ ତାଙ୍କ ସାଙ୍ଗ ବାଇକ୍‌ରେ ପ୍ରଥମେ ନୀଳଗିରିସ୍ଥିତ ଏନ୍‌ସିଏ କମ୍ପ୍ୟୁଟରରେ କ୍ଲାସ ସାରି ନୀଳଗିରି ଥାନା ପଡ଼ିଆକୁ ପରେଡ୍ ଦେଖିବାକୁ ଯାଇଥିଲେ। ପଡ଼ିଆରେ ତାଙ୍କ ଭଉଣୀ ସହିତ ମଧ ଦେଖା ହୋଇଥିଲେ। ମାତ୍ର ରାତି ପ୍ରାୟ ୧୦ଟା ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ପରିବାର ଲୋକ ବନ୍ଧୁବାନ୍ଧବ, ସାଙ୍ଗସାଥୀ ସବୁ ଆଡ଼େ ଖୋଜାଖୋଜି କଲା ପରେ ଦୀପକଙ୍କର କିଛି ସନ୍ଧାନ ପାଇ ନାହାନ୍ତି। ନୀଳଗିରି ପୋଲିସ ତଦନ୍ତ ଜାରି ରହିଛି।

## ଡାକ୍ତର ନିଯୁକ୍ତି ଦାବିରେ ଭାଜପାର ବିକ୍ଷୋଭ

ବାଙ୍ଗିରିପୋଷି,୧୭।୮(ସଞ୍ଜୟ କୁମାର ଅଗ୍ରୱାଲ)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ଓ ଅନ୍ୟାନ୍ୟ ସମସ୍ୟା ନେଇ ଗୁରୁବାର ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଭାଜପା ରାଷ୍ଟ୍ରୀୟ ପରିଷଦ ସଭ୍ୟ ସୁଗଦା ମୁର୍ମୁଙ୍କ ନେତୃତ୍ୱରେ ୨୦୦୦ରୁ ଊର୍ଦ୍ଧ୍ୱ ଭାଜପା କର୍ମୀଙ୍କ ସହ ଜନସାଧାରଣ ଆନ୍ଦୋଳନକୁ ଓହ୍ଲାଇଥିଲେ। ବାଙ୍ଗିରିପୋଷି ହାଟଠାରୁ ଏକ ବିରାଟ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା ପରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଭାଜପା ରାଜ୍ୟ ସମ୍ପାଦକ କୃଷ୍ଣଚନ୍ଦ୍ର ମହାପାତ୍ର, ଜିଲା ସଭାପତି କାନ୍ଦ୍ରା ସୋରେନ, ପୂର୍ବତନ ସାଂସଦ ଲକ୍ଷ୍ମଣ ଟୁଡୁ ,ପୂର୍ବତନ ଜିଲା ପରିଷଦ ଅଧକ୍ଷା ସୁଜତା ମୁର୍ମୁ, ଜିଲା ଉପସଭାପତି ଦୋଳଗୋବିନ୍ଦ ବେହେରା ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ଅପାରଗ ଶାସନ ବିଷୟରେ ଲୋକଙ୍କୁ ଅବଗତ କରାଇଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୨ ଡାକ୍ତର ନିଯୁକ୍ତିର ପ୍ରାବଧାନ ଥିବା ବେଳେ ମାତ୍ର ୨ଜଣ ରହିଛନ୍ତି। ଦୀର୍ଘ ବର୍ଷ ହେବ ଏଠାରେ ସ୍ତ୍ରୀ ରୋଗ, ଶିଶୁରୋଗ, ମେଡିସିନ, ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତି ହୋଇ ପାରିନାହିଁ। ୫-ଟି ନାମରେ ଉକ୍ତ ଡାକ୍ତରଖାନାର ଉନ୍ନତୀକରଣ ପାଇଁ ୪ କୋଟି ଟଙ୍କାରେ ରାଜାରାଜୁଡା ଅମଳର ବହୁ ପୁରୁଣା ଜରାଜୀର୍ଣ୍ଣ କୋଠାକୁ ମରାମତି କରାଯାଉଥିବା ଭାଜପା ନେତାମାନେ ଅଭିଯୋଗ କରିଛନ୍ତି। ଆସନ୍ତା ୧୫ ଦିନ ମଧ୍ୟରେ ଡାକ୍ତର ପଦବୀ ପୂରଣ ସହ ନିମ୍ନମାନର ରୂପାନ୍ତରଣ କାର୍ଯ୍ୟର ତଦନ୍ତ କରା ନ ଗଲେ ଜାତୀୟ ରାଜପଥ ଅବରୋଧ କରାଯିବ ବୋଲି ଭାଜପା ରାଜ୍ୟ ସମ୍ପାଦକ ମହାପାତ୍ର ଚେତାବନୀ ଦେଇଛନ୍ତି।




ଭାଜପା ନେତା ଓ କର୍ମୀ ଶୋଭାଯାତ୍ରାରେ ଯାଉଛନ୍ତି।

## ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକାଇଲେ ଗ୍ରାମବାସୀ

ଠାକୁରମୁଣ୍ଡା,୧୭।୮(ତାରାକାନ୍ତ ପଟ୍ଟନାୟକ)

ଠାକୁରମୁଣ୍ଡା ସମନ୍ୱିତ ଶିଶୁ ବିକାଶ ଯୋଜନା ଅନ୍ତର୍ଗତ ତରାମରା ପଞ୍ଚାୟତ ହାଣ୍ଡିଫୁଟା ଅଙ୍ଗନୱାଡି କେନ୍ଦ୍ରରେ ଦୀର୍ଘ ବର୍ଷ ଧରି ଅଙ୍ଗନୱାଡି କର୍ମୀ ନିଯୁକ୍ତି ହେଉନାହିଁ। ଏହାର ପ୍ରତିବାଦରେ ବୁଧବାରଠାରୁ ଗ୍ରାମବାସୀ ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକାଇଛନ୍ତି। ସହାୟିକାଙ୍କ ଦ୍ୱାରା ୪୪ଜଣ ଶିଶୁଙ୍କୁ ନେଇ ଚାଲିଥିବା ଏହି ଅଙ୍ଗନୱାଡି କେନ୍ଦ୍ରରେ ତାଲା ପଡ଼ିବାରୁ ଏହା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଖବରପାଇ ଗୁରବାର ଠାକୁରମୁଣ୍ଡା ଶିଶୁ ବିକାଶ ଯୋଜନାର ସୁପରଭାଇଜର ଗୀତରାଣୀ ମହାପାତ୍ର ଅଙ୍ଗନୱାଡି କେନ୍ଦ୍ରରେ ପହଞ୍ଚି ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ ମଧ କର୍ମୀ ନିଯୁକ୍ତି ନ ହେବା ପର୍ଯ୍ୟନ୍ତ ତାଲା ଖୋଲାଯିବ ନାହିଁ ବୋଲି ଗ୍ରାମବାସୀ ଜିଦ ଧରି ରହିଥିଲେ। ଏ ସମ୍ପର୍କରେ ଘଟଣାସ୍ଥଳକୁ ଯାଇଥିବା ସ୍ଥାନୀୟ ସରପଞ୍ଚ ବ୍ରହ୍ମାନନ୍ଦ ଦେହୁରୀ କହିଛନ୍ତି ଯେ,ଦୀର୍ଘ ବର୍ଷ ଧରି ଏହି କେନ୍ଦ୍ରରେ କାହାରିକୁ ନିଯୁକ୍ତି ଦିଆଯାଇ ନାହିଁ। ସେହିପରି ଶିଶୁ ବିକାଶ ଅଧିକାରିଣୀ ପ୍ରେମାଲତା ସେଠୀ କହିଛନ୍ତି, ଏହି ଅଙ୍ଗନୱାଡି କେନ୍ଦ୍ରରେ କର୍ମୀ ଚୟନକୁ ନେଇ ହାଇକୋର୍ଟରେ ମାମଲା ଚାଲୁ ରହିଥିବା କାରଣରୁ କର୍ମୀ ନିଯୁକ୍ତି ହୋଇ ପାରିନାହିଁ।

## ‘ସୋସିଆଲ ମିଡିଆର ଠିକ୍ ଉପଯୋଗ ହେଉ’




ଜାତୀୟ କର୍ମଶାଳାରେ ମଞ୍ଚାସୀନ ଅତିଥିମାନେ।

### ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଜାତୀୟ କର୍ମଶାଳା

ବାଲେଶ୍ୱର,୧୭।୮(ମାନସ ବିଶ୍ୱାଳ)

ଫକୀରମୋହନ ବିଶ୍ୱବିଦ୍ୟାଳୟ ସାମାଜିକ ବିଜ୍ଞାନ ବିଭାଗ ପକ୍ଷରୁ ‘କିପ୍ ଇଟ୍ ରିୟଲ: ସୋସିଆଲ ମିଡିଆ, ଫେକ୍ ନିଉଜ ଆଣ୍ଡ ଟ୍ରାଫିକିଙ୍ଗ୍’ ବିଷୟକୁ ନେଇ ଏକ ଜାତୀୟ କର୍ମଶାଳା ଆୟୋଜିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ସୁନେସ ଚନ୍ଦ୍ର ଅଧିକାରୀ, ସାମାଜିକ ବିଜ୍ଞାନ ବିଭାଗର ମୁଖ୍ୟ ଡକ୍ଟର ଗୀତାଞ୍ଜଳି ପଣ୍ଡା, ଜାତୀୟ କର୍ମଶାଳାର ସଂଯୋଜକ ଡ. ସିପ୍ରା ସାଗରିକା, ସୋସିଆଲ ମିଡିଆ ମ୍ୟାଟରସ୍‌ର ମୁଖ୍ୟ ମିସ୍ ପ୍ରତିଷ୍ଠା ଆରୋରା ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ।

କର୍ମଶାଳାରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଏବଂ ସୋସିଆଲ ମିଡିଆ ମ୍ୟାଟରସ୍ ମଧ୍ୟରେ ଏକ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଥିଲା। ସୋସିଆଲ ମିଡିଆର ଠିକ୍ ଉପଯୋଗ ଏବଂ ତଥ୍ୟ ଗ୍ରହଣ ଏବଂ ଏହାର ପରିଚାଳନା କରିବାର କୌଶଳ ସମସ୍ତେ ଶିଖିବା ଆବଶ୍ୟକ ବୋଲି କୁଳପତି ପ୍ରଫେସର ତ୍ରିପାଠୀ ନିଜର ବକ୍ତବ୍ୟ ମାଧ୍ୟମରେ ପ୍ରକାଶ କରିଥିଲେ। ସଭାକୁ ବିଶ୍ୱବିଦ୍ୟାଳୟର ସାମାଜିକ ବିଜ୍ଞାନର ଅଧ୍ୟାପିକା ସ୍ମୃତିଶିକ୍ତା ଥାପା ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମର ସହ ସଂଯୋଜକ ଡ.ପବିତ୍ର ମୋହନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଶାଳାରେ ସୋସିଆଲ ମ୍ୟାଟରସର ଅମିତାଭ କୁମାର, ପ୍ରତୀକ୍ଷା ଆରୋରା,ଅର୍ଣ୍ଣିକା ସିଂ ଏବଂ କାର୍ଯ୍ୟକ୍ରମର ସଂଯୋଜକ ଡ. ସିପ୍ରା ସାଗରିକା ମୁଖ୍ୟବିଷୟରେ ପ୍ରକଳ୍ପ ପ୍ରଦର୍ଶନ କରି ସମସ୍ତଙ୍କୁ ଅବଗତ କରାଇଥିଲେ ଏବଂ କିଭଳି ସୋସିଆଲ ମିଡିଆକୁ ଠିକ୍ ଉପଯୋଗ କରାଯିବ ସେ ବିଷୟରେ କହିଥିଲେ। କର୍ମଶାଳାରେ ବିଶ୍ୱବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ ଏବଂ ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ।

## ବଜ୍ରପାତରେ ଜଣେ ଗୁରୁତର

ପାଟଣା,(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ତୁରୁମୁଙ୍ଗା ପଞ୍ଚାୟତ ତ୍ରିବିନ୍ଧା ଗ୍ରାମରେ ବଜ୍ରପାତରେ ଗୁରୁବାର ସନ୍ଧ୍ୟାରେ ଜଣେ ଗୁରୁତର ହୋଇଛନ୍ତି। ଗୁରୁତର ଜଣଙ୍କ ଉକ୍ତ ଗ୍ରାମର ଗୌତମ ମହାନ୍ତ(୫୩)। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗୌତମ ସନ୍ଧ୍ୟାରେ ଘର ପାଖରେ ଛିଡ଼ା ହୋଇଥିବା ସମୟରେ ବଜ୍ରପାତା ଶିକାର ହୋଇଥିଲେ।

### ସଂକ୍ଷେପରେ

## ବାଇକ ସହ ମଦ ଜବତ, ୨ ଗିରଫ

ଝୁମ୍ପୁରା,୧୭।୮(ଶଶୀଭୂଷଣ ସାହୁ): କେନ୍ଦୁଝର ଜିଲା ଝୁମ୍ପୁରା ଅବକାରୀ ଥାନା ପକ୍ଷରୁ ଝୁମ୍ପୁରା ବ୍ଲକ୍‌ର ଗ୍ରାମାଞ୍ଚଳରେ ବାରମ୍ବାର ଚଢ଼ାଉ ଜାରି ରହିଥିଲେ ହେଁ, ଗ୍ରାମାଞ୍ଚଳରେ ବିଷାକ୍ତ ମହୁଲୀ ମଦ ପ୍ରସ୍ତୁତି ଓ ବିକ୍ରି ରୋକାଯାଇ ପାରୁନାହିଁ। ଝୁମ୍ପୁରା ଅବକାରୀ ଥାନା ଅଧିକାରୀ ମାନସ ରଞ୍ଜନ ସାମନ୍ତରାୟ ବୁଧବାର ଟିମ ସହିତ ଗ୍ରାମାଞ୍ଚଳରେ ଅତର୍କିତ ଚଢ଼ାଉ କରି ୩୫୦ଲିଟରରୁ ଊର୍ଦ୍ଧ୍ୱ ମହୁଲୀ ମଦ ଜବତ କରିଛନ୍ତି। ମଦ ବୁହା ହୋଇ ଆସୁଥିବା ଏକ ହୁଣ୍ଡା ସାଇନ ବାଇକ ମଧ ଜବତ ହୋଇଛି। ଶ୍ରୀରାମପୁର ଗ୍ରାମର ନାଳପାଖ ତଳସାହିରେ ୨୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ମହୁଲ ପୋଚ ନଷ୍ଟ କରାଯାଇଛି। ଘଟଣାରେ ଅଶୁକୀ ଗ୍ରାମର ଦିନବନ୍ଧୁ ମାଝୀ ଓ ସୁଲୁଗୁଡ଼ା ଗ୍ରାମର ବିଦେଶୀ ବେଣ୍ଟକାରକୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି।

## ବ୍ଲକ କାର୍ଯ୍ୟାଳୟ ଘେରିଲା କଂଗ୍ରେସ

ତିହିଡ଼ି,୧୭।୮(ସଞ୍ଜିତ୍ ବଳ)-ଭଦ୍ରକ ଜିଲା ତିହିଡ଼ି ବ୍ଲକ କଂଗ୍ରେସ ପକ୍ଷରୁ ଗୁରୁବାର ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଦଳୀୟ ନେତା ଓ କର୍ମୀମାନେ ଏକ ଶୋଭାଯାତ୍ରାରେ ତହସିଲ ଛକରୁ ବାହାରି ତିହିଡ଼ି ବଜାର ପରିକ୍ରମା କରିବା ପରେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ବ୍ଲକ ସଭାପତି ସରୋଜ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରତିବାଦ ସଭାରେ ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ, ଜିଲା ସଭାପତି ଅଶୋକ ଦାସ, ବରିଷ୍ଠ ନେତା ସତ୍ୟାନନ୍ଦ ରାଉତ, ଦିଗମ୍ବର ଦାସ, ଲୋକସଭା ନେତ୍ରୀ ମଧୁମିତା ସେଠୀ, ସରପଞ୍ଚ ଉଦ୍ଧବ ଚରଣ ନାୟକ, ଅଭିଷେକ ରାଉତ, ଝରଣା ମହାନ୍ତି ପ୍ରମୁଖ ପ୍ରଧାନମନ୍ତ୍ରୀ ଆବାସ, ରାଶନ କାର୍ଡ ଆଦି ସରକାରୀ ଯୋଜନାରେ ହେଉଥିବା ଅନିୟମିତତା ଏବଂ ପିସି କାରବାର ବିରୋଧରେ ବର୍ଷିଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ଜ୍ୟୋତିର୍ମୟ କରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ମହିଳାଙ୍କୁ ଅସଦାଚରଣ, ଅଙ୍ଗନୱାଡି କର୍ମୀଙ୍କ ସ୍ୱାମୀ ଗିରଫ

ଚାନ୍ଦବାଲି,୧୭।୮(କିଶାନ ପାତ୍ର)- ଭୋଟର କାର୍ଡ ସଂଶୋଧନ ପାଇଁ ଆସିଥିବା ଜଣେ ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ ଅଙ୍ଗନୱାଡି କର୍ମୀଙ୍କ ସ୍ୱାମୀଙ୍କୁ ବାଂଶଡ଼ା ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଭାଗୀରଥି ପଲେଇ। ବୁଧବାର କରଞ୍ଜମାଳ ଅଙ୍ଗନୱାଡି କର୍ମୀ ଜଣେ ମହିଳାଙ୍କୁ ଭୋଟର କାର୍ଡ ସଂଶୋଧନ ପାଇଁ ତାଙ୍କ ଘରକୁ ଡାକିଥିଲେ। ମହିଳା ଏବଂ ତାଙ୍କ ସ୍ୱାମୀ ସେଠାରେ ପହଞ୍ଚିବା ପରେ ଭାଗୀରଥି ଉକ୍ତ ମହିଳାଙ୍କ ସ୍ୱାମୀଙ୍କୁ ଆଧାର କାର୍ଡ ଜେରକ୍ସ କରିବାକୁ ନିକଟସ୍ଥ ବଜାରକୁ ପଠାଇବା ସହ ନିଜ ସ୍ତ୍ରୀଙ୍କୁ ମଧ ପଡ଼ୋଶୀଙ୍କ ଘରକୁ ପଠାଇ ଦେଇଥିଲେ। ଏହି ସୁଯୋଗରେ ସେ ମହିଳାଙ୍କୁ ଅସଦାଚରଣ କରିଥିଲେ। ତାଙ୍କ ପାଟି ଶୁଣି ପଡ଼ୋଶୀମାନେ ଆସିବାରୁ ଭାଗୀରଥି ଏକ କୁରାଢ଼ି ଧରି ସେମାନଙ୍କୁ ମାରିଦେବାକୁ ଧମକ ଦେଇଥିଲେ। ବିଳମ୍ବିତ ରାତିରେ ମହିଳା ଜଣକ ବାଂଶଡ଼ା ଥାନାରେ ଅଭିଯୋଗ କରିଥିବା ଖବର ପାଇ ଭାଗୀରଥି ଫେରାର ହୋଇଯାଇଥିଲେ। କେନ୍ଦ୍ରାପଡ଼ାରୁ ପୋଲିସ ଗିରଫ କରିଥିଲେ।

# ରାସ୍ତା ଅବସ୍ଥା ଶୋଚନୀୟ: ଧାନତଳି ରୋଇ ପ୍ରତିବାଦ



ଶୋଚନୀୟ ରାସ୍ତାରେ ଧାନତଳି ରୁଆ ହୋଇଛି।

ଉଦଳା,୧୭।୮(ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ଉଦଳା ବ୍ଲକ ଶ୍ରୀଦାମଚନ୍ଦ୍ରପୁର ଡାକ୍ତରଖାନାଠାରୁ ବାଲିଛତ୍ରାକୁ ସଂଯୋଗ ହୋଇଥିବା ମୁଖ୍ୟରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏନେଇ ଶ୍ରୀଦାମଚନ୍ଦ୍ରପୁର ପଞ୍ଚାୟତର ଲୋକେ ସରପଞ୍ଚଙ୍କଠାରୁ ଆରମ୍ଭ କରି ବ୍ଲକ ଅଧିକାରୀ ଓ ଜିଲାପାଳଙ୍କ ପର୍ଯ୍ୟନ୍ତ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା ରାସ୍ତା ମରାମତି କରାଯାଇପାରି ନାହିଁ। ଲଗାଣ ବର୍ଷା ଯୋଗୁ ଏହି ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଦୈନନ୍ଦିନ ଉଦଳାଠାରୁ ଶ୍ରୀଦାମଚନ୍ଦ୍ରପୁର ମେଡିକାଲକୁ ଯାଉଥିବା ଆମ୍ବୁଲାନ୍ସ ଏବଂ ବାଲିଛତ୍ରା, ସୋନପୋଖରୀ ଆଦି ଗ୍ରାମରୁ ଶ୍ରୀଦାମଚନ୍ଦ୍ରପୁର ହାଇସ୍କୁଲକୁ ଯାଉଥିବା ଛାତ୍ରୀଛାତ୍ରଙ୍କ ପାଇଁ ଏହି ରାସ୍ତା ମରଣଯନ୍ତା ପାଲଟିଛି। ବିଶେଷକରି ଗ୍ରାମବାସୀମାନେ ରାଶନ ଆଣିବା ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଉଥିବା ବେଳେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ତାତିଛନ୍ତି ଲୋକେ। ଗୁରୁବାର ଗ୍ରାମବାସୀ ମିଳିତ ହୋଇ ଉକ୍ତ ରାସ୍ତା ଉପରେ ଧାନ ତଳି ରୋଇଛନ୍ତି। ସମ୍ପୂର୍ଣ୍ଣ ରାସ୍ତା ନୂତନ ଭାବେ କରା ନ ଗଲେ ପଞ୍ଚାୟତବାସୀ ପର୍ଯ୍ୟଟନସ୍ଥଳୀ ଦେବକୁଣ୍ଡ-ଉଦଳା ରାସ୍ତାକୁ ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି। ଉକ୍ତ ରାସ୍ତା ତୁରନ୍ତ ମରାମତି ପାଇଁ ଗ୍ରାମବାସୀ ହରିଶ ଚନ୍ଦ୍ର ମହାନ୍ତ, ସୁବାସ ଚନ୍ଦ୍ର ମହାନ୍ତ, ସୁମନ୍ତ ମହାନ୍ତ, ଗୁରୁପ୍ରସାଦ ମହାନ୍ତ ପ୍ରମୁଖ ଦାବି କରିଛନ୍ତି।

## ପ୍ରଶାସନ ନ ଶୁଣିଲେ ହେବ ଆନ୍ଦୋଳନ

ନୀଳଗିରି,୧୭।୮(ପ୍ରଶାନ୍ତ କୁମାର ବିଶ୍ୱାଳ)

ନୀଳଗିରି ଉପଖଣ୍ଡ ଅଧୀନ ଦକ୍ଷିଣ ନରସିଂହପୁର ପଞ୍ଚାୟତ ବଡ଼ଅତା ଗାଁ ରାସ୍ତାରେ ଧାନଗଛ ପୋତି ଅଭିନବ ଢଙ୍ଗରେ ପ୍ରତିବାଦ କରିଛନ୍ତି ଗ୍ରାମବାସୀ। ଶୋଚନୀୟ ହୋଇ ପଡ଼ିଥିବା ଏହି ରାସ୍ତାର ମରାମତି ପାଇଁ ପ୍ରଶାସନ ଅବହେଳା କରୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ରାସ୍ତାର ଦୂରବସ୍ଥା ଯୋଗୁ ଗାଁ ଭିତରକୁ ଆମ୍ବୁଲାନ୍ସ ଓ ଅଗ୍ନିଶମ ଗାଡ଼ି ପଶି ପାରୁନାହିଁ। ଗାଁର ୩ନଂ. ୱାର୍ଡରେ ଥିବା ରାସ୍ତା ବର୍ଷା ପରେ ଅତି କଦର୍ଯ୍ୟ ହୋଇ ପଡ଼ିଛି। ଗାଡ଼ିମୋଟର ଯିବା ତ ଦୂରର କଥା, ଖାଲି ପାଦରେ ଚାଲି ଚାଲି ଯିବା କାଠିକର ପାଠ ହୋଇପଡୁଛି। ପ୍ରତିଦିନ ଉକ୍ତ ରାସ୍ତାଦେଇ ଶତାଧିକ ଲୋକ ଯାତାୟାତ କରୁଛନ୍ତି। ଏ ସମ୍ପର୍କରେ ଅଞ୍ଚଳବାସୀ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କୁ ବାରମ୍ବାର ଅବଗତ କରିଥିଲେ ମଧ ଏଥିପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ତେବେ ଯୁଦ୍ଧକାଳୀନ ଭିତ୍ତିରେ ଉକ୍ତ ରାସ୍ତାକୁ ମରାମତି କରାଯାଇ ନୂତନ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ ନ କଲେ ରାସ୍ତା ପାଇଁ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବା ସହିତ ପଞ୍ଚାୟତ କାର୍ଯ୍ୟାଳୟ ଓ ଉପଜିଲାପାଳଙ୍କ ଅଫିସ ଘେରାଉ କରିବେ ବୋଲି ଗ୍ରାମର କମଳ ଲୋଚନ ପଣ୍ଡା, ସତ୍ୟବ୍ରତ ମହାଳିକ, ହରିହର ପ୍ରଧାନ, ରାଜେଶ ପ୍ରଧାନ, ସୋନମ ପ୍ରଧାନ, ସତ୍ୟନାରାୟଣ ମହାରଣା, ଦୀପକ ଜେନା, ଉମାକାନ୍ତ ମଲ୍ଲିକ ପ୍ରମୁଖ ବହୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



ଗ୍ରାମବାସୀ ରାସ୍ତାରେ ଧାନତଳି ରୋଉଛନ୍ତି।

## ପର୍ଯ୍ୟଟନସ୍ଥଳୀର ଭିତ୍ତିଭୂମି ବିକାଶ ଲାଗି ଅର୍ଥ ମଞ୍ଜୁର

ବାଲେଶ୍ୱର,୧୭।୮(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲାର ବିଭିନ୍ନ ସ୍ଥାନରେ ଥିବା ପର୍ଯ୍ୟଟନସ୍ଥଳୀର ଭିତ୍ତିଭୂମି ବିକାଶ ପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ନୀତିଗତ ଅନୁମୋଦନ ପ୍ରଦାନ କରିଛି। ମୋଟ ବ୍ଲକ ମୂଲ୍ୟ ଆକଳନରୁ ୨୫% ଅର୍ଥାତ ୯୨.୯୩ ଲକ୍ଷ ମଞ୍ଜୁର କରିଛି। ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ପ୍ରକଳ୍ପ ରିପୋର୍ଟ (ଡିପିଆର)ର ବିସ୍ତୃତ ଆକଳନ ଏବଂ ପ୍ରଶାସନିକ ଅନୁମୋଦନ ପାଇବା ପରେ ଅବଶିଷ୍ଟ ୭୫ % ଅର୍ଥ ଯାହାର ପରିମାଣ ୨୭୮.୮ ଲକ୍ଷ ପ୍ରଦାନ କରାଯିବ। ମୋଟ ୩୭୧.୭୩ ଲକ୍ଷ ଅନୁଦାନରେ ସିନ୍ଧୁଆ ବନ୍ଧ, ଡଗରା ବେଳାଭୂମି ଏବଂ କଷାଫଳ ବେଳାଭୂମିର ଭିତ୍ତିଭୂମି ବିକାଶ କରାଯିବ।

ପ୍ରଶାସନିକ ଅନୁମୋଦନ ପ୍ରଦାନ ଏବଂ ଏହି ପ୍ରକଳ୍ପର କାର୍ଯ୍ୟକାରିତାକୁ ତଦାରଖ କରିବାର ଦାୟିତ୍ୱ ବାଲେଶ୍ୱର ଜିଲାପାଳଙ୍କୁ ଦିଆଯାଇଛି। ଜିଲାପାଳଙ୍କସ୍ତରରେ ଏହି ପ୍ରକଳ୍ପର କାର୍ଯ୍ୟକାରିତା ପ୍ରକ୍ରିୟାକୁ ଶୃଙ୍ଖଳିତ, ଉତ୍ସଗୁଡ଼ିକର ଉପଯୋଗ ଏବଂ ଠିକ୍ ସମୟରେ ସମାପ୍ତି ନିଶ୍ଚିତ କରାଯିବ।

## ଏଥର ସିମୁଳିଆରେ ମଙ୍ଗ ଧରିବ କଂଗ୍ରେସ

### ଭାଜପା, ବିଜେଡି ସାଧାରଣ ଲୋକଙ୍କ ଆସ୍ଥା ହରାଇଛନ୍ତି

ଖଇରା, ୧୭।୮(ଉତ୍କଳବନ୍ଧୁ ପଣ୍ଡା)



ଖବରଦାତା ସମ୍ମିଳନୀରେ ଉପସ୍ଥିତ ନେତୃବୃନ୍ଦ।

କେନ୍ଦ୍ରର ୯ବର୍ଷ ଶାସନରେ ରହିଥିବା ଭାଜପା ଦୁର୍ନୀତିରେ ବୁଡ଼ିରହିଛି। ଲୋକଙ୍କୁ ଗୋଟେ ପରେ ଗୋଟେ ମିଛ ପ୍ରତିଶ୍ରୁତି ଦିଆଯାଉଛି। ଆଉ ବିଜେଡି ସବୁ କଥାରେ ଭାଜପାର ଦୁର୍ନୀତିକୁ ସମର୍ଥନ ଦେଇ ଚାଲିଛି। ଏ କଥା ଓଡ଼ିଶାବାସୀ ଜାଣି ସାରିଲେଣି। ଆଗାମୀ ଦିନରେ ଭୋଟର କଂଗ୍ରେସକୁ ଏକମାତ୍ର ବିକଳ୍ପ ଭାବେ ଦେଖିବାକୁ ଚାହାଁନ୍ତି ବୋଲି ମଙ୍ଗଳବାର ଖଇରା ସଂଲଗ୍ନ ବଣପାରିଆ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ ନେତୃବୃନ୍ଦ ପ୍ରକାଶ କରିଛନ୍ତି। ପ୍ରତିବାଦରେ କଂଗ୍ରେସ ଆଗାମୀ ୨୫ତାରିଖରେ ବ୍ଲକ ଘେରାଉ କରିବ ବୋଲି ସୂଚିତ କରାଯାଇଛି। ବ୍ଲକ କଂଗ୍ରେସ ସଭାପତି ଶରତ ଦାସଙ୍କ ପୌରହିତ୍ୟରେ ସିମୁଳିଆ ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ନିରଞ୍ଜନ ପରିଡା ପରିଚୟ ପ୍ରଦାନ କରିଥିଲେ। ଜିଲା କଂଗ୍ରେସ ସଭାପତି ସଞ୍ଜୀବ ଗିରି ଭାଜପା-ବିଜେଡିର ସମ୍ପର୍କକୁ ନେଇ ସମାଲୋଚନା କରିଥିଲେ। କଂଗ୍ରେସ ଦଳ ଛାଡ଼ି ଭାଜପାରେ ମିଶିଥିବା ପଦ୍ମଲୋଚନ ପଣ୍ଡା କଂଗ୍ରେସରୁ ସବୁକିଛି ପାଇ ତାକୁ ବ୍ୟକ୍ତିଗତ ଫାଇଦାରେ ଲଗାଇବା ପରେ ଦଳ ଛାଡି ଚାଲିଯିବା ଘଟଣାରେ ସିମୁଳିଆ-ଖଇରାବାସୀ କେବେ ବି କ୍ଷମା ଦେବେ ନାହିଁ। ଏବେ ଖଇରା ମାଟିର ଯୁବନେତା ହିମାଂଶୁ ଶେଖର ବେହେରାଙ୍କୁ ଦାୟିତ୍ୱ ଦିଆଯାଇଛି। ତାଙ୍କପ୍ରତି ସିମୁଳିଆବାସୀଙ୍କ ଭଲପାଇବା ବଢି ଚାଲିଛି ବୋଲି ଉଲ୍ଲେଖ କରିଥିଲେ। ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ ନିଜ ବକ୍ତବ୍ୟରେ ଶିକ୍ଷା,ସ୍ୱାସ୍ଥ୍ୟ,ଗମନାଗମନରେ ଭଳି ମୌଳିକ ସୁବିଧାରୁ ଜନସାଧାରଣ ବଞ୍ଚିତ ବୋଲି କହିବା ସହ ଉଚ୍ଚ ଶିକ୍ଷିତ ହିମାଂଶୁଙ୍କ ନେତୃତ୍ୱକୁ କଂଗ୍ରେସ ନେତୃବର୍ଗ ସବୁ ପ୍ରକାର ସହଯୋଗ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥର ସିମୁଳିଆ କଂଗ୍ରେସ ଦଖଲ କରିବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଥିଲେ। ହିମାଂଶୁ ବେହେରା ନିଜ ବକ୍ତବ୍ୟରେ କିଛି ନେବାକୁ ନୁହେଁ ଦେବାକୁ ଆସିଛନ୍ତି ବୋଲି ପ୍ରକାଶ କରିଥିଲେ। ଅଣସଙ୍ଗଠିତ ଶ୍ରମିକ ସଂଘର ଜିଲା ସଭାପତି ବିକାଶ ଦାସ, ପୂର୍ବତନ ବ୍ଲକ ସଭାପତି ନବ କିଶୋର କର, ଶତ୍ରୁଘ୍ନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## କାର୍ ଧକ୍କାରେ ବାଇକ୍ ଆରୋହୀ ମୃତ

କୁଳିଅଣା,୧୭।୮(ଆଦିକନ୍ଦ ସାହୁ)

ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଧୀନ ୧୮ନଂ. ଜାତୀୟ ରାଜପଥ ଦରଖଳି ଛକଠାରେ ମଙ୍ଗଳବାର ଏକ କାର ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ସରଡିହା ଗ୍ରାମର ପୂଜା ବାରିକ (୨୪)। ଗୁରୁତର ଜଣଙ୍କ ପୂଜାଙ୍କ ସ୍ୱାମୀ ପପୁନ ବାରିକ। ଉଭୟେ ସନ୍ଧ୍ୟା ୮.୩୦ରେ ବାଇକ (ନଂ. ଓ.ଡି.୧୧ପି -୭୦୩୮)ଯୋଗେ କୁଚେଇ ଛକରୁ ମେଡିସିନ ନେଇ ଘରକୁ ଫେରୁଥିଲେ। ଦରଖଳି ଛକଠାରେ ପଛ ପଟୁ ଏକ କାର ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଉଭୟେ ବାଇକରୁ ଖସିପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ବାରିପଦା ପିଆରଏମ ମେଡିକାଲକୁ ଚିକିତ୍ସା ନିମନ୍ତେ ନେଇଥିଲେ। ଡାକ୍ତର ପୂଜାଙ୍କୁ କଟକ ସ୍ଥାନାନ୍ତର କରିଥିଲେ। ବେତନଟୀଠାରେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ବିଗିଡିବାରୁ ବେତନଟୀ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ପୁନଃ ଯାଞ୍ଚ କରିବାକୁ ଜିଲା ପରିଷଦ ସଭ୍ୟାଙ୍କ ଦାବି

### ବନ୍ୟା କ୍ଷୟକ୍ଷତି ରିପୋର୍ଟକୁ ନେଇ ଅସନ୍ତୋଷ

କେନ୍ଦୁଝର,୧୭।୮(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଆନନ୍ଦପୁର ତହସିଲରେ ବୈତରଣୀ ନଦୀରେ ବଢ଼ି ଯୋଗୁ ବ୍ୟାପକ ଚାଷ ଜମି ଓ ଘର ଆଦି କ୍ଷୟକ୍ଷତି ହୋଇଥିଲା। ତେବେ ଏ ନେଇ ପ୍ରସ୍ତୁତ କ୍ଷୟକ୍ଷତି ତାଲିକାରେ କେତେକ ଅଞ୍ଚଳର ନାମ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ପୁନଃ ଯାଞ୍ଚ କରି କ୍ଷୟକ୍ଷତି ତାଲିକା ପ୍ରସ୍ତୁତ କରିବାକୁ ସ୍ଥାନୀୟ ୩ ନମ୍ବର ଜିଲା ପରିଷଦ ଜୋନ୍‌ର ସଦସ୍ୟା ଅସୀମା ମିଶ୍ର ଦାବି କରିଛନ୍ତି।ତହସିଲ ପକ୍ଷରୁ ମିଳିଥିବା କ୍ଷୟକ୍ଷତି ରିପୋର୍ଟରେ କ୍ଷୟକ୍ଷତି ହୋଇଥିଲେ ମଧ ପଞ୍ଚୁପଲ୍ଲୀ, ହରିଡ଼ାପାଳ ଆଦି ଗ୍ରାମରେ କ୍ଷୟକ୍ଷତି ହୋଇ ନ ଥିବା ଦର୍ଶାଯାଇଛି ସେ ନେଇ ଆଶ୍ଚର୍ଯ୍ୟ ପ୍ରକାଶ କରି ତହସିଲଦାରଙ୍କୁ ପଚାରିଥିଲେ। ଉକ୍ତ ଅଞ୍ଚଳରେ ବହୁ ଚାଷ ଜମି ବନ୍ୟା ଯୋଗୁ ନଷ୍ଟ ହୋଇଥିବା ଘର ଭାଙ୍ଗିଥିଲେ ହେଁ ରିପୋର୍ଟରେ ନିଲ ଲେଖାଯାଇଛି। ଏଭଳି ରିପୋର୍ଟ ଚାଷୀ ବିରୋଧୀ ବୋଲି କହିଛନ୍ତି। କ୍ଷତିଗ୍ରସ୍ତ ଚାଷୀ କାନ୍ଦୁଛନ୍ତି, କିନ୍ତୁ ଫିଲ୍ଡକୁ ନ ଯାଇ ଏଭଳି ରିପୋର୍ଟ ଦିଆଯାଇଥିବା ସଭ୍ୟା ମିଶ୍ର କହିଛନ୍ତି। ଏ ନେଇ ଉପଜିଲାପାଳଙ୍କୁ ଜଣାଇଛନ୍ତି। ପଦକ୍ଷେପ ନ ନେଲେ ଆସନ୍ତା ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ କ୍ଷତିଗ୍ରସ୍ତ ଲୋକଙ୍କ ସହିତ ଅଭିଯୋଗ କରିବେ ବୋଲି କହିଥିଲେ। ତହସିଲଦାର ଦେବୀ ପ୍ରସାଦ ସାରସ୍ୱତ କହିଛନ୍ତି, ରିଲିଫ କୋର୍ଡ ଅନୁଯାୟୀ ରାଜସ୍ୱ ଓ କୃଷି ବିଭାଗ ପକ୍ଷରୁ ଯୁଗ୍ମ ତଦନ୍ତ କରି ରିପୋର୍ଟ ପ୍ରସ୍ତୁତ କରାଯାଇଛି।

## ବୁଢ଼ାବଳଙ୍ଗ ନଦୀରେ ବ୍ୟାରେଜ ନିର୍ମାଣ ଦାବି

ବାରିପଦା,୧୭।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାବାସୀଙ୍କ ସାମୂହିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆଦିମ କୁଡୁମି ମହାସଂଘ ପକ୍ଷରୁ କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳଶକ୍ତି ମନ୍ତ୍ରୀ ଇଂ. ବିଶ୍ୱେଶ୍ୱର ଟୁଡୁଙ୍କୁ ୩ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଦାବିଗୁଡ଼ିକ ମଧ୍ୟରେ ବାରୁଣୀଘାଟଠାରେ ବୁଢ଼ାବଳଙ୍ଗ ନଦୀରେ ଏକ ଆନିକଟ ବା ବ୍ୟାରେଜ ନିର୍ମାଣ ଦାବି ରହିଛି। ବ୍ୟାରେଜ୍ ହେଲେ ଗମନାଗମନ ସହ ଜଳସେଚନ, ମତ୍ସ୍ୟ ଉତ୍ପାଦନ, ସହରକୁ ଜଳ ଯୋଗାଣ ହୋଇ ପାରିବ। ସେହିପରି ନୁରୁଡିହି ଛକଠାରୁ ବାରୁଣୀ ଘାଟ ଦେଇ ଷ୍ଟେଶନ ବଜାର ପର୍ଯ୍ୟନ୍ତ ରାସ୍ତାର ସଂଯୋଗୀକରଣ ଓ ବାରିପଦା ସହର ଦେଇ ପ୍ରବାହିତ ଶାଖାନଦୀଗୁଡ଼ିକରେ ପ୍ରବାହିତ ନାଳନର୍ଦ୍ଦମା ପାଣିର ବିଶୋଧନ ଟ୍ୟାଙ୍କ ସ୍ଥାପନ ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସଂଘର ସଭାପତି ପଦ୍ମଲୋଚନ ମହାନ୍ତଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ଦାବି ସମ୍ପର୍କରେ ଆଲୋଚନା କରିଛନ୍ତି।

## ଯୁବକ ନିରୁଦ୍ଦିଷ୍ଟ, ମା'ବାପା ଥାନାର ଦ୍ୱାରସ୍ଥ

ଯୋଡ଼ା,୧୭।୮(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକା ୧୪ ନଂ. ୱାର୍ଡ ବିଚାକୁଣ୍ଡି ଅଞ୍ଚଳର ଜଣେ ଯୁବକ ଗତ ୩ ମାସ ହେଲା ନିରୁଦ୍ଦିଷ୍ଟ ଅଛନ୍ତି। ଏ ନେଇ ଗୁରୁବାର ମା'ବାପା ଯୋଡ଼ା ଥାନାର ଦ୍ୱାରସ୍ଥ ହୋଇ ଏକ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ବିଚାକୁଣ୍ଡିରେ ରହୁଥିବା ଦାମୋଦର ଗିରିଙ୍କ ପୁଅ ସୂରଜ ଗିରି (୨୨) ଘରୁ କେଉଁଆଡ଼େ ଚାଲିଯାଇଛନ୍ତି। ତେବେ ପୂର୍ବରୁ ମଧ ବହୁ ଥର ସୁରଜ କୁଆଡ଼େ ଚାଲିଯାଇ ପୁଣି ଘରକୁ ଫେରି ଆସନ୍ତି। ମାତ୍ର ଏବେ ୩ ମାସ ବିତିଯାଇଥିଲେ ମଧ ଫେରି ନ ଥିବା ପରିବାର ଲୋକେ ପ୍ରକାଶ କରିଛନ୍ତି। ବନ୍ଧୁ ବାନ୍ଧବ, ସମ୍ପର୍କୀୟ ଲୋକଙ୍କୁ ପଚାରିବା ସହ ବହୁ ଖୋଜାଖୋଜି କରି ନ ପାଇ ଏତଲା ଦେଇଛନ୍ତି। ତେବେ ପୁଅ ଘର ଛାଡ଼ି ଚାଲି ଯିବା ଦିନରୁ ବାପା ଦାମୋଦର କାମ ଧନ୍ଦା ଛାଡ଼ି ପୁଅକୁ ଖୋଜିବାରେ ଲାଗିଛନ୍ତି, ଯଦ୍ୱାରା ଘରର ଆର୍ଥିକ ସ୍ଥିତି ଖରାପ ହେବାକୁ ଲାଗିଛି। ପୁଅକୁ ଫେରାଇ ଆଣିବାରେ ସହଯୋଗ କରିବାକୁ ଆକୁଳ ଚିତ୍ତରେ ଖବରଦାତାଙ୍କୁ ନିବେଦନ କରିଛନ୍ତି।

## ମିଥ୍ୟା ମାମଲା ପ୍ରତ୍ୟାହାର ନ ହେଲେ ଥାନା ଘେରାଉ

### ଚେତାବନୀ ଦେଲା କଂଗ୍ରେସ

ବନ୍ତ,୧୭।୮(ହରିନାରାୟଣ ମହାନ୍ତି)




ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତାମାନେ।

ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ବନ୍ତ ପଞ୍ଚାୟତର ଯୁବନେତା ତଥା ସରପଞ୍ଚଙ୍କ ପ୍ରତିନିଧି ଜ୍ୟୋତି ରଞ୍ଜନ ନାୟକଙ୍କ ବିରୋଧରେ କରାଯାଇଥିବା ମିଥ୍ୟା ମାମଲାକୁ ୭ଦିନ ମଧ୍ୟରେ ପ୍ରତ୍ୟାହାର କରା ନ ଗଲେ ବ୍ଲକ କଂଗ୍ରେସ ପକ୍ଷରୁ ଥାନା ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଗୁରୁବାର ବନ୍ତ ବଜାରଠାରେ ବ୍ଲକ କଂଗ୍ରେସ ସଭାପତି ରାଜକିଶୋର ସ୍ୱାଇଁଙ୍କ ଆବାହକତ୍ୱରେ ଆହୂତ ଖବରଦାତା ସମ୍ମିଳନୀରେ ପୂର୍ବତନ ଜିଲା ସଭାପତି ସୁବ୍ରତ ଦାସ ଯୋଗଦେଇ କହିଥିଲେ, ଶାସକ ଦଳ ଯୁବନେତା ଜ୍ୟୋତିରଞ୍ଜନଙ୍କ ଲୋକପ୍ରିୟତାରେ ଭୟଭୀତ ହୋଇ, ଦୁର୍ନୀତି ବିରୋଧରେ ପ୍ରତିବାଦର ସ୍ୱରକୁ ଚପାଇ ଦେବା ଲାଗି ପୋଲିସ ଲଗାଇ ମିଥ୍ୟା ମାମଲା କରି ଭୟଭୀତ କରାଇବାକୁ ଉଦ୍ୟମ କରୁଛି। ଗୋବିନ୍ଦପୁର ପଞ୍ଚାୟତ ପଙ୍ଗୀରା ଗ୍ରାମର ଜନୈକ ହିତାଧିକାରୀଙ୍କ ପକ୍କାଘର ଛାତ ଲେବଲରେ ଥିବାବେଳେ ତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଦିଆଯାଇଛି। ଏ ସମ୍ପର୍କରେ ଗତ ୧୨ତାରିଖରେ ଜ୍ୟୋତି ରଞ୍ଜନ ପିଇଓଙ୍କୁ ଫୋନ୍ ଯୋଗେ ଗରିବ ଲୋକଙ୍କ ଘରକୁ କାଟି ଦେଉଥିବା ବେଳେ ସ୍ୱଚ୍ଛଳ ଲୋକଙ୍କୁ କେତେ ଟଙ୍କା ନେଇ ଘର ଦେଉଛ ବୋଲି ପଚାରିଥିଲେ। ପିଇଓ ସରକାରୀ ଦଳ ଚାପରେ ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିବା ପରେ ଜ୍ୟୋତିରଞ୍ଜନଙ୍କୁ ଗିରଫ ପାଇଁ ଶାସକ ଦଳ ଉଦ୍ୟମ କରୁଛି। ଏଥିସହ ୧୩ ତାରିଖରେ ବନ୍ତ ବଜାରରେ ଘଟିଥିବା ଏକ ମାଡ଼ପିଟ୍ ଘଟଣାରେ ଜ୍ୟୋତିରଞ୍ଜନ ଅନୁପସ୍ଥିତ ଥିବାବେଳେ ତାଙ୍କ ନାମକୁ ଚକ୍ରାନ୍ତ କରାଯାଇ ଘଟଣା ସହ ଯୋଡ଼ି ଦିଆଯାଇଛି ବୋଲି ସେ ଅଭିଯୋଗ କରିଥିଲେ। ପ୍ରାକ୍ତନ ବ୍ଲକ କଂଗ୍ରେସ ସଭାପତି ଲକ୍ଷ୍ମୀଧର ସାହୁ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ହରମୋହନ ବେହେରା, ଛୟାଳସିଂହ ପଞ୍ଚାୟତ ସଭାପତି ପ୍ରଫୁଲ୍ଲ ରାଉତ, ବଡ଼ମହିଷଗୋଠର ପୂର୍ବତନ ସରପଞ୍ଚ ରବିନାରାୟଣ ମହାନ୍ତି, ପଧାନପଡ଼ାର ପୂର୍ବତନ ସରପଞ୍ଚ ମୁସ୍ତାକ୍ ଅଲ୍ଲୀ ଖାଁ, ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ସାଦ୍ ସିଦ୍ଦିକ୍, ଟିଲୋ ପଞ୍ଚାୟତ ସଭାପତି ଇଂ.ସୁଧାଂଶୁ ନାୟକ, ବସନ୍ତିଆ ପଞ୍ଚାୟତ ସଭାପତି ଦୀପକ ମହାନ୍ତି, ଗଣିଜାଙ୍ଗ ପଞ୍ଚାୟତ ସଭାପତି ବିଷ୍ଣୁ ମୋହନ ପଣ୍ଡା, ବନ୍ତ ପଞ୍ଚାୟତ ସଭାପତି ସୁବାସ ମହାନ୍ତି, ବରିଷ୍ଠ ନେତା ନରେନ୍ଦ୍ର ସେଠୀ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

## ଭଣ୍ଡାରିପୋଖରୀରେ ଏଏପିର ନୂତନ କାର୍ଯ୍ୟାଳୟ

ଭଣ୍ଡାରିପୋଖରୀ, ୧୭।୮ (ରବିନାରାୟଣ ଖିଲାର)

ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ଓଡ଼ିଶା ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଛକଠାରେ ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲଙ୍କ ଜନ୍ମଦିନ ପାଳନ ସହ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଭଦ୍ରକ ଜିଲା ସଭାପତି ଦେବାଶିଷ ପାଣିଗ୍ରାହୀ ଯୋଗଦେଇ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଜିଲାର ଯୁବ ସଭାପତି ଜୟନ୍ତ କୁମାର ସାହୁ, ସୁରେଶ ମହାପାତ୍ର, ରାଜେଶ ମିଶ୍ର, ନରହରି ସାହୁ, ମେଘନାଦ ନାୟକ, ବିଚିତ୍ର ଦେ, ପ୍ରଭାସ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ଭଣ୍ଡାରିପୋଖରୀରେ କିପରି ନିର୍ବାଚନ ଲଢ଼ାଯିବ, ତାହାର ରଣକୌଶଳ, ପାର୍ଟି ମୌଳିକ ମୁଦ୍ଦା ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ପାଣି ଓ ରୋଜଗାରକୁ ପାଥେୟ କରି କିପରି ଲୋକଙ୍କ ପାଖରେ ପହଞ୍ଚିବ ସେନେଇ ଜିଲା ସଭାପତି ଗୁରୁମନ୍ତ୍ର ଦେଇଥିଲେ। ଭଣ୍ଡାରିପୋଖରୀ ବ୍ଲକ ସଭାପତି ସୁଶାନ୍ତ ରାଉତ ଓ ସମସ୍ତ ବ୍ଲକର ମେମ୍ବର ସହଯୋଗ କରିଥିଲେ।

## ଆଟେଣ୍ଡାଣ୍ଟଙ୍କ ହାତରେ ୟୁନାନି ଡାକ୍ତରଖାନା

### ୧୩ ବର୍ଷ ପରେ ବି ଡାକ୍ତର ନିଯୁକ୍ତି ହେଉନି

ଚମ୍ପୁଆ,୧୭।୮(ମହେଶ୍ୱର ଦାସ)



କେନ୍ଦୁଝର ଜିଲା ଚମ୍ପୁଆ ୟୁନାନି ଡାକ୍ତରଖାନା ଆଟେଣ୍ଡାଣ୍ଟଙ୍କ ଦ୍ୱାରା ପରିଚାଳିତ ହେଉଛି। ଡାକ୍ତରଖାନାରେ ୧୩ ବର୍ଷ ହେବ ବିଭାଗୀୟ ଡାକ୍ତର ନ ଥିବା ବେଳେ ନୂତନ ନିଯୁକ୍ତ ହୋଇନାହାନ୍ତି। ଏପରିକି ଜଣେ ଆୟୁର୍ବେଦିକ ଡାକ୍ତରଙ୍କୁ ଭାରପ୍ରାପ୍ତ ଦାୟିତ୍ୱ ଦିଆଯାଇଥିଲେ ମଧ ସେ ଆସୁନାହାନ୍ତି। ଫଳରେ ସ୍ଥାନୀୟ ଲୋକ ସେବାରୁ ବଞ୍ଚିତ ହେଉଛନ୍ତି।

ସୂଚନା ଅନୁସାରେ, ୧୯୯୨ରେ ଚମ୍ପୁଆଠାରେ ଏହି ଚିକିତ୍ସାଳୟ ସ୍ଥାପନ କରାଯାଇଥିଲା। ପରେ ୧୯୯୫ରେ ତତ୍କାଳୀନ ବିଧାୟକ ଧନୁର୍ଜୟ ଲାଗୁରିଙ୍କ ଦ୍ୱାରା ଚମ୍ପୁଆ ସଦର ମହକୁମାର ରେଖାବଣଠାରେ ସରକାରୀ ୟୁନାନି ଚିକିତ୍ସାଳୟର ନୂତନ ଗୃହ ଉଦ୍‌ଘାଟନ କରାଯାଇଥିଲା। ଚିକିତ୍ସାଳୟ ଉପରେ ସ୍ଥାନୀୟ ଅଞ୍ଚଳ ସମେତ ଝାଡ଼ଖଣ୍ଡ ଓ ମୟୂରଭଞ୍ଜ ଅଞ୍ଚଳର ରୋଗୀମାନେ ନିର୍ଭରକରି ଆସୁଥିଲେ। ଏପରିକି ନିୟମିତ ୨୦ରୁ ଊର୍ଦ୍ଧ୍ୱ ରୋଗୀ ଚିକିତ୍ସାଳୟରେ ନିୟମିତ ବ୍ୟବଧାନରେ ଚିକିତ୍ସିତ ହେଉଥିଲେ। ୨୦୧୧ଠାରୁ ଏଠାକୁ କୌଣସି ନିୟମିତ ଡାକ୍ତର ଆସିନାହାନ୍ତି। ସରକାରଙ୍କ ପକ୍ଷରୁ ପୁରୁଷୋତ୍ତମପୁର ଆୟୁର୍ବେଦିକ ଚିକିତ୍ସାଳୟ ଡାକ୍ତର ହେମନ୍ତ ପାତ୍ରଙ୍କୁ ଏହାର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ମାତ୍ର ସେ ନିୟମିତ ଏଠାକୁ ଆସିପାରୁନାହାନ୍ତି। ଫଳରେ ରୋଗୀସେବା ବାଧାପ୍ରାପ୍ତ ହେଉଛି। ଏ ନେଇ ଉପରୋକ୍ତ ଡାକ୍ତରଙ୍କୁ ପଚାରିବାରୁ କହିଛନ୍ତି, ତାଙ୍କୁ ୩ ସ୍ଥାନର ଦାୟିତ୍ୱ ଦିଆଯାଇଛି। ଏଥିସହ ୟୁନାନି ଔଷଧଗୁଡ଼ିକ ଆରବିକ ଭାଷାରେ ଲେଖା ହୋଇଥିବା ବେଳେ ତାହା ଆମ୍ଭେ ବୁଝିପାରୁନାହୁ। ଯଦି ସରକାର ଡିଏମ୍‌ଏଫ୍ ଫଣ୍ଡରୁ ୟୁନାନି ଡାକ୍ତର ଯୋଗାଇ ଦିଅନ୍ତି ତେବେ ରୋଗୀ ସେବା ପୂର୍ବ ଭଳି ଚାଲିପାରିବ।

